**କୃଷି ସୂଚନା ସେବା (ଧାନ)**

**ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**୨୦୧୭ ମସିହା ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଶତକଡା ୮୦ ଭାଗ ଧାନ ପାଚିଗଲେ କାଟି ଦିଅନ୍ତୁ । ଏଥିରୁ ଭଲ ମୂଲ୍ୟ ପାଇବା ପାଇଁ ନ ମିଶାଇ ଅଲଗା ଅଲଗା କିସମ ଅଲଗା ବସ୍ତାରେ ରଖନ୍ତୁ ।
- ଜଳସେଚିତ ମଧ୍ୟମ କିସମ ଜମିରେ ଧାନ ଅମଳ ପରେ ଆଳୁ, ସୂର୍ଯ୍ୟମୂଖୀ, ଚିନାବାଦାମ, ଶୀତଦିନିଆ ମକା ଇତ୍ୟାଦି ଚାଷ କରନ୍ତୁ ।
- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ ସେହି ସ୍ଥାନରେ ମଟର, ବିରି, ପେଶୁ ଇତ୍ୟାଦି ପାଇରା ଫସଲ ହିସାବରେ ଧାନ ଅମଳ ପୂର୍ବରୁ ଜମି ବତର ଥିବା ସମୟରେ ବୁଣି ଦିଅନ୍ତୁ ।
- ଧାନ କାଟି ବିଲରେ ଥିବା ସମୟରେ କେଣ୍ଡା କଟା ସାଁବାଳୁଆ ଦେଖା ଦେବାର ସମ୍ଭାବନା ଅଧିକ ଥାଏ । ସେଥିପାଇଁ ସାଁବାଳୁଆ ଦେଖାଦେଲେ ବିଲର ହିଡରେ ମାଲାଥିଅନ(୫%) ଗୁଣ୍ଡ ପ୍ରୟୋଗ କରନ୍ତୁ ।

******